# NATIONAL NEWS BULLETIN (ODIA)

## 22 October - 2024

## Mid Bulletin : 1.50 p.m.

---

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀଠାରେ ପଞ୍ଚମ ଜାତୀୟ ଜଳ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ବ୍ରିକ୍ସ ସମ୍ମିଳନୀରେ ଯୋଗଦେବାଲାଗି ଦୁଇଦିନିଆ ରୁଷ୍ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଦେଶରେ ଜିଡିପି ଅଭିବୃଦ୍ଧି ୭ ଦଶମିକ ୨ ପ୍ରତିଶତ ରହିବ- କହିଲେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ।

- ଡିଜିଟାଲ ଭିତ୍ତିଭୂମିରେ ପୁଞ୍ଜିନିବେଶ ଭାରତୀୟ ଅର୍ଥନୀତିର ସହନଶୀଳ କ୍ଷମତାକୁ ସୁଦୃଢ଼ କରିଛି ବୋଲି କହିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ।

ଏବଂ

- ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ।

---

# ପ୍ରେଜ୍ ନ୍ୟାସନାଲ ଓ୍ୱାଟର ଆଓ୍ୱାର୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀଠାରେ ପଞ୍ଚମ ଜାତୀୟ ଜଳ ପୁରସ୍କାର ୨୦୨୩ ପ୍ରଦାନ କରିଛନ୍ତି । ୯ଟି ବିଭାଗରେ ୩୮ଜଣ ବିଜେତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଏଥିରେ ଶ୍ରେଷ୍ଠ ରାଜ୍ୟ, ଜିଲ୍ଲା, ଗ୍ରାମପଞ୍ଚାୟତ, ସହରାଞ୍ଚଳ ସ୍ଥାନୀୟ ସଂସ୍ଥା, ଜଳ ଉପଭୋକ୍ତା ସଂଘ ଏବଂ ନାଗରିକ ସମାଜ ଅନ୍ତର୍ଭୁକ୍ତ ।

ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ଜଳଜୀବନ ମିଶନ ଅଧୀନରେ ସରକାର ଦେଶର ୭୮ ପ୍ରତିଶତରୁ ଅଧିକ ଗ୍ରାମାଞ୍ଚଳର ପରିବାରକୁ ଟ୍ୟାବ୍ ଯୋଗେ ଜଳସଂଯୋଗ ପ୍ରଦାନ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି ୨୦୧୯ରେ ଯେତେବେଳେ ଏହି ଅଭିଯାନ ଆରମ୍ଭ ହୋଇଥିଲା ସେତେବେଳେ ଗ୍ରାମାଞ୍ଚଳରେ ମାତ୍ର ୧୭ ପ୍ରତିଶତ ପରିବାରକୁ ବିଶୁଦ୍ଧ ଜଳ ମିଳିଥିଲା । ଜଳଜୀବନ ମିଶନ ଯୋଗୁଁ ଗ୍ରାମାଞ୍ଚଳରେ ରହୁଥିବା ଲୋକଙ୍କ ଜୀବନରେ ଯଥେଷ୍ଟ ଉନ୍ନତି ହୋଇଛି ବୋଲି ରାଷ୍ଟ୍ରପତି କହିଛନ୍ତି । ଜଳସଂରକ୍ଷଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି । ତେବେ ଦେଶରେ ଭୂତଳ ଜଳସ୍ଥିତି ହ୍ରାସ ପାଉଥିବା ନେଇ ରାଷ୍ଟ୍ରପତି ଚିନ୍ତାବ୍ୟକ୍ତ କରିଛନ୍ତି ।

ଆମ ସମ୍ବାଦଦାତା ଜଣାଇଛନ୍ତି ଶ୍ରେଷ୍ଠ ରାଜ୍ୟ ବର୍ଗରେ ଓଡ଼ିଶାକୁ ପ୍ରଥମ, ଉତ୍ତରପ୍ରଦେଶକୁ ଦ୍ୱିତୀୟ ଏବଂ ଗୁଜୁରାଟ ଓ ପୁଡୁଚେରୀକୁ ମିଳିତଭାବେ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି । ପ୍ରତ୍ୟେକ ପୁରସ୍କାର ବିଜେତାଙ୍କୁ

ପ୍ରଶଂସା ପତ୍ର, ଟ୍ରଫି ଓ କେତେକ ନିର୍ଦ୍ଦିଷ୍ଟ ବର୍ଗରେ ନଗଦ ପୁରସ୍କାର ମଧ୍ୟ ଦିଆଯାଇଛି ।

## ପିଏମ୍‌-ଡିପାର୍ଚର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବାଲାଗି ଆଜିଠାରୁ ଦୁଇଦିନିଆ ରୁଷ୍‌ ଗସ୍ତରେ ଯାଇଛନ୍ତି । ଶ୍ରୀ ମୋଦୀ ଗସ୍ତରେ ଯିବା ପୂର୍ବରୁ କହିଛନ୍ତି ବ୍ରିକ୍ସ ମଧ୍ୟରେ ଘନିଷ୍ଠ ସହଯୋଗକୁ ଭାରତ ଗୁରୁତ୍ୱପ୍ରଦାନ କରୁଛି । ସେ କହିଛନ୍ତି ଜଳବାୟୁ ପରିବର୍ତ୍ତନ, ଅର୍ଥନୈତିକ ସହଯୋଗ, ନିରନ୍ତର ଯୋଗାଣ ଶୃଙ୍ଖଳା ନିର୍ମାଣ, ସାଂସ୍କୃତିକ ଏବଂ ଲୋକମାନଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ ଆଦି ପ୍ରସଙ୍ଗରେ ଆଲୋଚନା ପର୍ଯ୍ୟାଲୋଚନା ପାଇଁ ବ୍ରିକ୍ସ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ ଉଭା ହୋଇଛି । ଗତବର୍ଷ ନୂତନ ସଦସ୍ୟ ଦେଶମାନଙ୍କୁ ସାମିଲ କରିବା ପରେ ବ୍ରିକ୍ସର ଅନ୍ତର୍ଭୁକ୍ତିକରଣ ଏବଂ ବିଶ୍ୱର ବିକାଶ ସମ୍ପର୍କିତ ଲକ୍ଷ୍ୟ ଆହୁରି ସୁଦୃଢ଼ ହୋଇଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଚଳିତବର୍ଷ ଜୁଲାଇରେ ମସ୍କୋରେ ଅନୁଷ୍ଠିତ ବାର୍ଷିକ ଶିଖର ସମ୍ମିଳନୀକୁ ଆଧାର କରି ଏହି ଗସ୍ତ ଭାରତ ଓ ରୁଷ୍‌ ମଧ୍ୟରେ ସ୍ୱତନ୍ତ୍ର ରଣନୈତିକ ଭାଗିଦାରୀକୁ ଆହୁରି ସୁଦୃଢ଼ କରିବ ।

କାଜାନ୍‌ଠାରେ ବ୍ରାଜିଲ୍‌, ରୁଷ, ଭାରତ, ଚୀନ୍‌ ଓ ଦକ୍ଷିଣ ଆଫ୍ରିକାକୁ ନେଇ ଏହି ଷୋଡ଼ଶତମ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହେବ । ସମ୍ମିଳନୀର ଚଳିତଥରର ବିଷୟବସ୍ତୁ ରହିଛି – "ବିଶ୍ୱ ବିକାଶ ଓ ନିରାପତ୍ତା ଲାଗି ବହୁପକ୍ଷୀୟବାଦର ସଶକ୍ତିକରଣ" ।

ପ୍ରଧାନମନ୍ତ୍ରୀଙ୍କ ରୁଷ ଗସ୍ତ ପୂର୍ବରୁ ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଥିଲେ ଭାରତ ହେଉଛି ବ୍ରିକ୍ସର ପ୍ରତିଷ୍ଠାତା ସଦସ୍ୟ ଏବଂ ପ୍ରଥମରୁ ବ୍ରିକ୍ସର ଆଭିମୁଖ୍ୟକୁ ବିଶ୍ୱସ୍ତରରେ ବିଭିନ୍ନ କ୍ଷେତ୍ରରେ ସଫଳତାର ସହ କାର୍ଯ୍ୟକାରି କରିବା ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

ସେ କହିଥିଲେ ଏହି ଦୁଇଦିନିଆ ସମ୍ମିଳନୀ, ଅର୍ଥନୈତିକ ସହଯୋଗ, ଶକ୍ତି ଏବଂ ଖାଦ୍ୟ ନିରାପତ୍ତା ସହଯୋଗକୁ ସଶକ୍ତ କରିବା ସହିତ ସ୍ୱାସ୍ଥ୍ୟ ଏବଂ ଯୁବବର୍ଗଙ୍କ ଜ୍ଞାନ ଆଦାନପ୍ରଦାନ ଦିଗରେ ମଧ୍ୟ ସହାୟକ ହେବ ।

---

## ପୁଡୁଚେରୀ-ମାରାଥନ

ସ୍ତନ କର୍କଟ ସଚେତନତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦ ଏବଂ ଜେ.ଆଇ.ପି.ଏମ୍.ଇ.ଆର୍ ର ଅଙ୍କୋଲୋଜି ବିଭାଗର ମିଳିତ ସହଯୋଗରେ ପୁଡୁଚେରୀରେ ଏକ ମାରାଥନ ଅନୁଷ୍ଠିତ ହୋଇଛି । ସ୍ତନକର୍କଟ, ଏହାର ପ୍ରାରମ୍ଭିକ ଚିହ୍ନଟ ଏବଂ ଚିକିତ୍ସା ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପିଙ୍କ୍ ଅକ୍ଟୋବର ଉତ୍ସବର ଏକ ଅଂଶ ଭାବରେ ଏହା ଅନୁଷ୍ଠିତ ହୋଇଥିଲା । ଜିପ୍‌ମେର୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ଡାକ୍ତର ଗୌତମ ରାୟ, ମେଡ଼ିକାଲ ଅଧୀକ୍ଷକ ଡକ୍ଟର ଏଲ୍.ଏନ୍. ଦୋରାଇରାଜନ ଏବଂ ସହକାରୀ ଡିନ୍ ଡକ୍ଟର ରବି ଚିତୋରିଆ ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ । ଏହି ଉତ୍ସବର ଶୀର୍ଷକ ଥିଲା 'କେହି ଯେପରି ସ୍ତନ କର୍କଟ ରୋଗର ସମ୍ମୁଖୀନ ନ ହୁଅନ୍ତି' । ମାରାଥନରେ ୧୫୦ଜଣରୁ ଅଧିକ ସ୍ୱାସ୍ଥ୍ୟକର୍ମୀ,

ଛାତ୍ରଛାତ୍ରୀ ଏବଂ ସାମାଜିକ ସଂଗଠନର ସଦସ୍ୟମାନେ ଭାଗ ନେଇଥିଲେ ।

---

## କେରଳ - ବାଇ ଇଲେକ୍ସନ

କେରଳରେ ଓୟନାଏଡ ଲୋକସଭା ଆସନ ଏବଂ ଛେଲକାରା ଓ ପାଲକଡ ବିଧାନସଭା ଆସନ ନିମନ୍ତେ ହେବାକୁଥିବା ଉପ ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି । ଆସନ୍ତାମାସ ୧୩ ତାରିଖରେ ଏହି ଉପ ନିର୍ବାଚନ ନିମନ୍ତେ ଭୋଟ୍‌ଗ୍ରହଣ ଅନୁଷ୍ଠିତ ହେବ ।

କଂଗ୍ରେସ ପ୍ରାର୍ଥୀ ପ୍ରିୟଙ୍କା ଗାନ୍ଧୀ ଆସନ୍ତାକାଲି ଓୟନାଏଡ ଆସନରୁ ପ୍ରାର୍ଥୀପତ୍ର ଦାଖଲ କରିବେ । ଏହାପୂର୍ବରୁ ସେ ଏକ ରୋଡ ଶୋ' କରିବାର କାର୍ଯ୍ୟକ୍ରମ ରହିଛି । ତାଙ୍କ ସହ ଲୋକସଭାରେ ବିରୋଧୀଦଳ ନେତା ତଥା ଓୟନାଏଡର ପୂର୍ବତନ ସାଂସଦ ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଏବଂ ସୋନିଆ ଗାନ୍ଧୀ ଓ ଅନ୍ୟାନ୍ୟ ବରିଷ୍ଠ ନେତାମାନେ ଯୋଗଦେବେ । ଏନ୍‌ଡିଏର ପ୍ରାର୍ଥୀଭାବେ ନବ୍ୟା ହରିଦାସ ଏବଂ ଏଲ୍.ଡି.ଏଫ୍‌ର ପ୍ରାର୍ଥୀଭାବେ ସତ୍ୟେନ ମୋକେରି ଆସନ୍ତା ଗୁରୁବାର ଦିନ ପ୍ରାର୍ଥୀପତ୍ର ଦାଖଲ କରିବେ ।

ଉଭୟ ଛେଲକାରା ଏବଂ ପାଲକଡା ଆସନ ନିମନ୍ତେ ୟୁଡିଏଫ୍, ଏଲ୍‌ଡିଏଫ୍ ଏବଂ ଏନ୍‌ଡିଏର ପ୍ରାର୍ଥୀମାନେ ଆସନ୍ତାକାଲିଠାରୁ ନାମାଙ୍କନପତ୍ର ଦାଖଲ କରିବେ । ଛେଲକାରା ଆସନ ନିମନ୍ତେ କଂଗ୍ରେସ ପକ୍ଷରୁ ପୂର୍ବତନ ସାଂସଦ ରେମ୍ୟା ହରିଦାସ ପ୍ରାର୍ଥୀ ହୋଇଥିବାବେଳେ ଏଲ୍‌ଡିଏଫ୍‌ର

ପ୍ରାର୍ଥୀଭାବେ ୟୁ.ଆର୍. ପ୍ରଦୀପ ଏବଂ ଏନ୍‌ଡିଏର ପ୍ରାର୍ଥୀଭାବେ କେ. ବାଲକ୍ରିଷ୍ଣନ ନିର୍ବାଚନରେ ଅବତୀର୍ଣ୍ଣ ହେବେ ।

ଏହି ଉପନିର୍ବାଚନ ଲାଗି ଚଳିତମାସ ୨୫ ତାରିଖ ନାମାଙ୍କନପତ୍ର ଦାଖଲର ଶେଷଦିନ ହୋଇଥିବାବେଳେ ୨୮ ତାରିଖରେ ଯାଞ୍ଚ ଏବଂ ୩୦ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ କରାଯାଇଛି ।

## ଆର୍‌ବିଆଇ - ଗଭର୍ଣ୍ଣର

ରିଜର୍ଭବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି ଭାରତରେ ନିବେଶ ଚାହିଦା ବୃଦ୍ଧି ପାଇବା ସହ ମୌଳିକ ଅର୍ଥ ପରିଚାଳନା ବ୍ୟବସ୍ଥା ସଠିକ୍ ଦିଗରେ ଗତି କରୁଥିବାରୁ ଅଭିବୃଦ୍ଧି ଅକ୍ଷୁଣ୍ଣ ରହିଛି । ରିଜର୍ଭ ବ୍ୟାଙ୍କର ମାସିକ ମୁଖପାତ୍ରରେ ଶ୍ରୀ ଦାସ କହିଛନ୍ତି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଭାରତର ପ୍ରକୃତ ଜିଡିପି ଅଭିବୃଦ୍ଧି ୭ ଦଶମିକ ୨ ପ୍ରତିଶତ ରହିବ । ସେ କହିଛନ୍ତି ଦେଶରେ କୃଷି କ୍ଷେତ୍ର ପ୍ରତି ବଦଳୁଥିବା ଦୃଷ୍ଟିକୋଣ ଏବଂ ଗ୍ରାମାଞ୍ଚଳରେ ଘରୋଇ ବ୍ୟବହାର ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ରହିଛି । ଶ୍ରୀ ଦାସ କହିଛନ୍ତି ସେବା କ୍ଷେତ୍ରରେ ନିରନ୍ତର ଉନ୍ନତି ହେଉଥିବାରୁ ସହରାଞ୍ଚଳରେ ମଧ୍ୟ ଚାହିଦା ବୃଦ୍ଧି ପାଇଛି । ବଜେଟ୍ ଆକଳନ ଅନୁଯାୟୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସରକାରୀ ଖର୍ଚ୍ଚ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି । ରିଜର୍ଭ ବ୍ୟାଙ୍କ ଅନୁଯାୟୀ ୨୦୨୪-୨୫ରେ ମୁଦ୍ରାସ୍ଫୀତି ୪ ଦଶମିକ ୫ ପ୍ରତିଶତ ରହିବା ନେଇ ଆକଳନ କରାଯାଇଛି ।

## ଏମ୍‌ଇଏ-ପାଲେଷ୍ଟାଇନ୍ ଆସିଷ୍ଟାନ୍ସ

ପାଲେଷ୍ଟାଇନ୍‌ର ଜନସାଧାରଣଙ୍କ ପାଇଁ ଭାରତ ମାନବିକ ସହାୟତା ସ୍ୱରୂପ ଆଜି ପ୍ରଥମ ପର୍ଯ୍ୟାୟରେ ୩୦ ଟନ୍ ଔଷଧ ଏବଂ ଖାଦ୍ୟ ସାମଗ୍ରୀ ପଠାଯାଇଛି । ଜାତିସଂଘ ରିଲିଫ ଏଜେନ୍ସି ଜରିଆରେ ପାଲେଷ୍ଟାଇନ୍ ଶରଣାର୍ଥୀଙ୍କ ପାଇଁ ଏହି ସହାୟତା ପଠାଯାଇଥିବା ଜଣାପଡିଛି । ବୈଦେଶିକ ବ୍ୟାପାର ମୁଖପାତ୍ର ରଣଧୀର ଜୟସ୍ୱାଲ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି ଆଜି ପଠାଯାଇଥିବା ସହାୟତା ସାମଗ୍ରୀ ମଧ୍ୟରେ ଅତ୍ୟାବଶ୍ୟକ ଔଷଧ, ଅସ୍ତ୍ରୋପଚାର ସାମଗ୍ରୀ ଏବଂ ଉଚ୍ଚଶକ୍ତି ବିଶିଷ୍ଟ ବିସ୍କୁଟ ରହିଛି ।

## ନିର୍ମଳା-କଲମ୍ବିଆ ସେସନ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଭାରତର ବ୍ୟାଙ୍କିଂ ବ୍ୟବସ୍ଥା ସୁଦୃଢ଼ ରହିଛି । ସେ କହିଛନ୍ତି ଭାରତୀୟ ବ୍ୟାଙ୍କିଂ ବ୍ୟବସ୍ଥାରେ ଅନାଦେୟ ଋଣ ହ୍ରାସ ପରିମାଣ ଏବଂ ପୁଞ୍ଜି ବିନିଯୋଗ ମଧ୍ୟରେ ସମାନ ଅନୁପାତ ରହିଛି । ପ୍ରମୁଖ ଶିଳ୍ପ ଗୁଡ଼ିକରେ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ଆବଶ୍ୟକ ଋଣ ପ୍ରଦାନ କରି ଅଭିବୃଦ୍ଧି ବଜାୟ ରଖିବା ଉପରେ ଶ୍ରୀମତୀ ସୀତାରମଣ ଗୁରୁତ୍ୱାରୋପ କରିଛନ୍ତି । ଆମେରିକାର ନ୍ୟୁୟର୍କସ୍ଥିତ କଲମ୍ବିଆ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ଶ୍ରୀମତୀ ସୀତାରମଣ କହିଛନ୍ତି ଡିଜିଟାଲ ଭିତ୍ତିଭୂମିରେ ପୁଞ୍ଜିନିବେଶ ଭାରତୀୟ ଅର୍ଥନୀତିର ସହନଶୀଳ କ୍ଷମତାକୁ ସୁଦୃଢ଼ କରିଛି । ଏହି ଅଧିବେଶନର ବିଷୟବସ୍ତୁ ଥିଲା 'ଏକ ଆହ୍ୱାନପୂର୍ଣ୍ଣ ଏବଂ ଅନିଶ୍ଚିତ ବିଶ୍ୱ ପରିବେଶ ମଧ୍ୟରେ ଭାରତର ଅର୍ଥନୈତିକ ସ୍ଥିରତା ଏବଂ ସମ୍ଭାବନା' ।

ଏଥିରେ ଯୋଗଦେଇ ଶ୍ରୀମତୀ ସୀତାରମଣ କହିଛନ୍ତି ଭାରତରେ ଡିଜିଟାଲ ଆର୍ଥିକ ଅର୍ନ୍ତଭୁକ୍ତିକରଣ ଯୋଗୁଁ ଲକ୍ଷଲକ୍ଷ ନାଗରିକ ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରିଛନ୍ତି । ସେ ଭାରତର ଭିତ୍ତିଭୂମି ନିର୍ମାଣ ଏବଂ ଭାରତମାଳା ଓ ସାଗରମାଳା ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇ ଏହା କିପରି ସାରା ଭାରତରେ ଯୋଗାଯୋଗ ବ୍ୟବସ୍ଥାକୁ ଆଗକୁ ନେଉଛି ସେ ସମ୍ପର୍କରେ ଆଲୋଚନା କରିଥିଲେ ।

ଅର୍ଥମନ୍ତ୍ରୀ କହିଥିଲେ ବିଶ୍ୱରେ ଅସ୍ଥିର ପରିବେଶ ମଧ୍ୟରେ ଭାରତ ନିଜର ଅର୍ଥନୈତିକ ଭିତ୍ତିଭୂମି ସୁଦୃଢ଼ କରିପାରିଛି ଏବଂ ଭବିଷ୍ୟତର ଅଭିବୃଦ୍ଧି ପାଇଁ ଏକ ମଜଭୁତ ଭିତ୍ତିଭୂମି ଭାବରେ କାର୍ଯ୍ୟ କରୁଛି । ଏବେ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି ଏବଂ ଆସନ୍ତା ୫ ବର୍ଷ ମଧ୍ୟରେ ବିଶ୍ୱ ଅଭିବୃଦ୍ଧିରେ ଭାରତର ଅବଦାନ ୨୦୦ ବେସିସ୍ ପଏଣ୍ଟ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି ।

---

## ଝାଡ଼ଖଣ୍ଡ-ନୋଟିଫିକେସନ୍

ନିର୍ବାଚନ ଆୟୋଗ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଆଜି ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଏହି ବିଜ୍ଞପ୍ତି ଅନୁଯାୟୀ ଆସନ୍ତା ନଭେମ୍ବର ୨୦ ତାରିଖରେ ୩୮ଟି ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ । ଚଳିତ ମାସ ୨୯ ତାରିଖ ପ୍ରାର୍ଥିପତ୍ର ଦାଖଲର ଶେଷ ଦିନ ରହିଛି । ପ୍ରାର୍ଥିମାନେ ଦିନ ୧୧ଟାରୁ ଅପରାହ୍ଣ ୩ଟା ମଧ୍ୟରେ ନାମାଙ୍କନପତ୍ର ଦାଖଲ କରିପାରିବେ ।  ଅକ୍ଟୋବର ୩୦ରେ ପ୍ରାର୍ଥିପତ୍ର ଯାଞ୍ଚ ହେବାକୁ ଥିବା ବେଳେ ନଭେମ୍ବର ୧ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ ରହିଛି । ପ୍ରଥମ ପର୍ଯ୍ୟାୟ ନିର୍ବାଚନ ନଭେମ୍ବର ୧୩ରେ

ଅନୁଷ୍ଠିତ ହେବ । ଉଭୟ ପର୍ଯ୍ୟାୟ ନିର୍ବାଚନ ଶେଷ ହେବା ପରେ ନଭେମ୍ବର ୨୩ରୁ ଭୋଟ୍ ଗଣତି ହେବ ।

ଇତିମଧ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି । ଏ ପର୍ଯ୍ୟନ୍ତ ୨୫ ଜଣ ପ୍ରାର୍ଥି ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ଅକ୍ଟୋବର ୨୫ ତାରିଖ ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ ରହିଛି ।

## ଅମିତ ଶାହା-ଗୁଜରାଟ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଗୁଜରାଟ ଗାନ୍ଧିନଗର ସ୍ଥିତ ମହାତ୍ମା ମନ୍ଦିରରେ ଚତୁର୍ଦ୍ଦଶ ସର୍ବଭାରତୀୟ ବେସାମରିକ ପ୍ରତିରକ୍ଷା ଓ ଗୃହରକ୍ଷୀ ସମ୍ମିଳନୀ ଉଦ୍‌ଘାଟନ କରିବେ । ଗୁଜରାଟ ଗସ୍ତରେ ଥିବା ଶ୍ରୀ ଶାହା ଆନନ୍ଦ ଠାରେ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ୍‌ର ୬୦ତମ ପ୍ରତିଷ୍ଠା ଦିବସରେ ଯୋଗଦେବେ । ଏହି ଅବସରରେ ଶ୍ରୀ ଶାହା ଜାତୀୟ ଦୁଗ୍ଧ ବିକାଶ ବୋର୍ଡର ତିନୋଟି ନୂଆ ପ୍ରକଳ୍ପକୁ ଉଦ୍‌ଘାଟନ କରିବେ । ପରେ ସେ ଗୁଜରାଟ ବିଧାନସଭାର ଡ୍ରାଫ୍ଟିଙ୍ଗ୍ ପ୍ରଶିକ୍ଷଣ କାର୍ଯ୍ୟରେ ଯୋଗଦେଇ ବିଧାୟକମାନଙ୍କୁ ସମ୍ବୋଧିତ କରିବେ । ୧୯ ବର୍ଷର ବ୍ୟବଧାନ ପରେ ଚତୁର୍ଦ୍ଦଶ ସର୍ବଭାରତୀୟ ବେସାମରିକ ପ୍ରତିରକ୍ଷା ଓ ଗୃହରକ୍ଷୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୬୦ ଜଣ ବରିଷ୍ଠ ଅଧିକାରୀଙ୍କ ସମେତ ୧ହଜାର ୨୦୦ ବେସାମରିକ ପ୍ରତିରକ୍ଷା ଏବଂ ଗୃହରକ୍ଷୀ ଅଂଶଗ୍ରହଣ କରିବେ । ବେସାମରିକ ପ୍ରତିରକ୍ଷା ଏବଂ ହୋମ୍‌ଗାର୍ଡ ମହାନିର୍ଦ୍ଦେଶକ ବିବେକ ଶ୍ରୀବାସ୍ତବ କହିଛନ୍ତି, ଏହି ସମ୍ମିଳନୀରେ ବେସାମରିକ ପ୍ରତିରକ୍ଷା ବିଲ୍ ଓ ଆଦର୍ଶ ହୋମ୍‌ଗାର୍ଡ ବିଲ୍‌ର

ନୀତି ଉପରେ ଆଲୋଚନା ହେବ । ଉଭୟ କ୍ଷେତ୍ରରେ କିଭଳି ଆଧୁନିକ ଜ୍ଞାନକୌଶଳର ଉପଯୋଗ କରାଯାଇପାରିବ, ସେ ନେଇ ମଧ୍ୟ ସମ୍ମିଳନୀରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି ।

ସୂଚନା ଅନୁଯାୟୀ ବର୍ତ୍ତମାନ ଦେଶରେ ସାଢ଼େ ୪ ଲକ୍ଷରୁ ଅଧିକ ହୋମ୍‌ଗାର୍ଡ ଏବଂ ୬ ଲକ୍ଷରୁ ଅଧିକ ବେସାମରିକ ପ୍ରତିରକ୍ଷା ବାହିନୀ କାର୍ଯ୍ୟ କରୁଛନ୍ତି ।